ବିଦୁର ଜତୁଗୃହ ଦ୍ୱାରେ ପ୍ରବେଶ
ରହିଲେ ପୁରଞ୍ଜନ ଯୁଝେଷ୍ଠିଙ୍କର ତୁଲେ
ହୃଦରେ ପାପ ଚିତ୍ତ ବାହରେ ଅନେକ ପୀରତି ବଢାଇଲେ ।୧ ।
କୁମ୍ଭ ମାସ ଶୁକଳ ପକ୍ଷ ଅଟଇ ତିଥି ତ୍ରୟୋଦଶୀ
ଗୁରୁବାର ଦିନ ପୁଷ୍ୟା ନକ୍ଷତ୍ରର ବେଳେ ଆସି ।୨ ।
ସେ ଦିନ ରାତ୍ରକାଳେ ଆସି ବିଜେ କଲେ ବିଦୁରେ
ପ୍ରବେଶ ହୋଇଲେ ସେହୁ ଜଦୁଘର ଦ୍ୱାରେ ।୩ ।
ଯୁଝେଷ୍ଠିଙ୍କି ତୋଳି ସେ ପଣ୍ଡିତ ମହାଭିଗଂ୍ୟ
ରାତ୍ରରେ ସନ୍ନିଧ୍ୟେଣ ବସାଇ କହନ୍ତି ସର୍ବଗଂ୍ୟ ।୪ ।
ବାବୁ ଧୃତରାଷ୍ଟ ଚରିତ୍ର ମଣିଲୁ କି ମନେ
ଅଭିଷେକ କରାଇ ଲୋଡଇ ଦ୍ରିଯୋଧନେ ।୫ ।
ଆମୃନ୍ତ ଘେନି ଭାଳିଲା ସନ୍ନିଧ୍ୟେ ବସାଇ
ଭୀଷ୍ମେ ବୋଇଲେ ଯୁଝେଷ୍ଠି ଥାଉ ଦ୍ରିଯୋଧନକୁ ପାଟ ନାହିଂ ।୬ ।
ତାହା ଶୁଣି କୋପ କଲା ରାଜା ଅନ୍ଧ
ତେଣୁ କରି ତୁମୃନ୍ତ ଚିନ୍ତିଲା ପରମାଦ ।୭ ।
------------------------

{ ତାହା ଶୁଣି କୋପ କଲା ସେ ମାନଗୋବିନ୍ଦ
{ ତେଣୁ କରି ତୁମୃନ୍ତ ଚିନ୍ତିଲା ପରମାଦ ।
୭ { ମଧୁ ପିଙ୍ଗଳ ଜାତି ସେ ଅଟଇ ବଡ ମନ୍ଦ
{ ତା ଠାରୁ ମନ୍ଦ ଅଟଇ ବାପ ତାର ଅନ୍ଧ ।

ଗୋଖରା ବ୍ରାହ୍ମଣ ଯେ ଅଟଇ ମହାଦୁଷ୍ଟ
ଭାମସେନକୁ ବିଷଲଡୁ ଖୁଆଇଲା ଯେ ପାପିଷ୍ଠ ।୮ ।
ଧର୍ମେଣ ପାର ହୋଇଲା ତୋହୋର ଅନୁଜ
ସମସ୍ତ ହେତୁ କରି ହୃଦୟେ ତୋହୋର ବୁଝ ।୯ ।
ଆହୋ ଯେ ପୁର ଭିଆଇଲା ପୁରଞ୍ଜନ କପଟେ
ଜଉ ସଜଳସ ଗୁଆଘୃତେ ଛଣପଟେ ।୧୦ ।
ଯେବଣ ପାକଟି କରିବ ରଞ୍ଜନ
ସବୁହିଂ ବିଷ ତାହା ନ କରିବଟି ଭୋଜନ ।୧୧ ।
ରାତ୍ରରେ ବାବୁରେ ତୁମ୍ଭେ ଯେବେ ନିଦ୍ରା ଯିବ
ସେହି ଦିନ ବ୍ରହ୍ମଣ ଯେ ପୁର ପୋଡି ଦେବ ।୧୨ ।
ଅଗ୍ନି ନ ଥିବଟି ଜଦୁଘରର ଭିତରେ
ଯେହା ଚେତି କାର୍ଯ୍ୟ ହୋ କରସି ନିର୍ଭରେ ।୧୩ ।
ସେ ଅବା ବାପ ରେ ତୁମୃନ୍ତ ଚିନ୍ତିଲା ପାପ ଚିତ୍ତ
ଗୁପତେ ପାର ହୋଅ ସମୟେ ନ ଥାଅ ଯେଥ ।୧୪ ।
କେ କେମନ୍ତେ ବିଚାର କରଇ ତଥ୍ୟ କରି
ତୁମୃର ଚିନ୍ତାହିଂ ସେ ଥିବ ହୃଦେ ଧରି ।୧୫ ।
ଯେତେ କହି ସେ ଗଲେ ଅମ୍ବୁବତୀର ସୁତ
ଧୃତରାଷ୍ଟଙ୍କୁ ପ୍ରଳମ୍ବିତ କଲେକ ତୁରିତ ।୧୬ ।
କଲ୍ୟାଣ ବାଞ୍ଛା ଯେ କରଇ କୁରୁବଇ
ଆସନ ପାଇଣ ଯେ ବସଇ ତହିଂ ଯାଇଂ ।୧୭ ।
ଯୁଝେଷ୍ଠି ଦେବ ହକାରିଲେ ଯେ ଭାମସେନକୁ
ତୁ ସବୁ ରାତ୍ରେଣ ଇଛା ଯେ ନ କରିବୁ ନିଦ୍ରାକୁ ।୧୮ ।
ମହା ବନସ୍ତ ଯେ ଦଇତ ଦାନବଙ୍କ ଭୂମି

ବ୍ୟାଘ୍ର ଭଲ୍ଲୁକ ମୟମତ୍ତ ହସ୍ତୀ ଯେଥି ଅନେକ ବିଶ୍ରାମି ।୧୯ ।
-----------------------------
୮ ।୧ ଗୋଖରା-ମୂଢ, କାଣ୍ଡଜ୍ଞାନ ଶୂନ୍ୟ ।

ଦିବସେ କ୍ଷେପଇ ମାରୁତି ଘୋର ବନେ
ଖାଇଜ ଜୀବ ମାରି ଭୁଞ୍ଜଇ ପ୍ରତିଦିନେ ।୨୦ ।
କନ୍ଦମୂଳ ଦାରାକ୍ଷ ଭୁଞ୍ଜଇ କ୍ଷୁଧାବେଳ ଜାଣି
ଭୀମସେନ ଜଦୁଘରେ ଭ୍ରମୁଥାଇ ସେ ରୟଣୀ ।୨୧ ।
ପାତାଳ ଭୁବନେ ଭୀମସେନ ଯେ ବେଲାବାଳୀକି ପ୍ରଦାନ ହୋଇଲା
ତାହାର ତହୁଂ ବଳୀବେଲାଉଳ ନାମେ ପୁତ୍ରେକ ଉପୁଜିଲା ।୨୨ ।
ବତାଇ ସୁନ୍ଦର ସେ ଅତି ବଳବନ୍ତା
ଅନନ୍ତର ନାତି ସେ ଅନେକ ଶାହାସ୍ରେ ନିର୍ଜିତା ।୨୩ ।
ଋଷଭ ମାସ ଶୁକଳ ପକ୍ଷ ଦଶମୀର ଦିନ
ସୋମବାର ସେ ଦିନ ନକ୍ଷତ୍ର ହସ୍ତାକନ୍ୟ ।୨୪ ।
ସେ ଦିନ ପୁରଞ୍ଜନ ପଣ୍ଡା ଗଲା ହସ୍ତିନା ଭୁବନକୁ
ବାରତା କହିଲା ଯାଇଂ ଦ୍ରିଯୋଧନ ରାଜାକୁ ।୨୫ ।
ଆହୋ ଅନ୍ନ ପାଞ୍ଜନ ନାହିଂ ପାଣ୍ଡବଙ୍କର
କନ୍ଦମୂଳ ଭକ୍ଷନ୍ତି ସେ ଯେହ୍ନେ ବନଚର ।୨୬ ।
ଅଗ୍ନି ବିବର୍ଜିତ ଦେବା କଲେକ ଜଦୁର ଘରେ
ଲୋଡିଲେ ନ ପାଇ ଅଗ୍ନି ଗହନ ବନସ୍ତରେ ।୨୭ ।
ଆନ ଘରମାନ ଯେବେଟି ଥାଇ ସନ୍ନିଧାନେ
ତେବେ ଅଗ୍ନି ପାଇବା ଲୋଡିବା ବିଧାନେ ।୨୮ ।
ସଙ୍କୁନି ବୋଇଲା ମୋହୋର ବଚନ କରିବା
ଝିମାଣିଶାଳମାନନ୍ତ ଯେ ତହିଂ ତୋଳାଇବା ।୨୯ ।
ସାଞ୍ଜୁ ଘଟଣ ଯେ କରୁଥାନ୍ତି ବିନ୍ଧାଣିମାନେ ତହିଂ
ଲୋଡିବାର ବେଳେ ଯେ ପାଇବାକ ଜୁଇ ।୩୦ ।
----------------------
୨୦ ।୨ କ୍ଷଦ୍ର ଜୀବ ମାରି ବ୍ରତଇ ପ୍ରତିଦିନେ । (ପା)
୨୩ { ତା ନାମ ବେଲାଳସେନ ଦିଲା ତାର ମାତା
{ ପୁତ୍ରକୁ ଦେଖି ଆନନ୍ଦ ଅନନ୍ତ ଦୁହିତା । (ପା)
୨୮ ।୨ ତେବେ ସେ ଅଗ୍ନି ପାଇବା ନା ଗହସ୍ଥାନେ ।
୨୦ ।୨ ଖାଇଜ- ଖାଦ୍ୟ

ଯେତେବେଳେ ନିଦ୍ରା ଯେ ଯାଆନ୍ତି ରୟଣୀ
ଝିମାଣିଶାଳୁଂ ଅଗ୍ନି ଆଣି ଲଗାଇ ଦେବା ପୁଣି ।୩୧ ।
ସଙ୍କୁନିର ବଚନ ଯେ ଶୁଣିଲା ସେ ମାନଗୋବିନ୍ଦ
ଘଟଣା ବିନ୍ଧାନ୍ତି ମାନନ୍ତ ରାଇ ଆଗ୍ୟାଂ ଦିଲା ସେ ନରେନ୍ଦ୍ର ।୩୨ ।
ଶାଢୀ ସରଳ ଅନେକ ରତ୍ନ ଦିଲାକ ବଧାଇ
ସହସ୍ରେ ଶାଳ ଭିଆଅ ବାରିଣାବନ୍ତେ ରହି ।୩୩ ।
ନଦୀର ସନ୍ନିଧେଣ ଆବର ବନସ୍ତ ନିକଟ
ଅଙ୍ଗାର ପୋଡିବାକୁ ତହିଂ ପାଇବାକ ଅନେକ କାଠ ।୩୪ ।
ଭ୍ରାଥମାନେ ମୋର ଯେ ରହିଲେ ତହିଂ ଯାଇ
ପାଣ୍ଡବନ୍ତ ସପକ୍ଷ ତୁମ୍ଭେମାନେ ଥିବ ହୋଇ ।୩୫ ।
ଆପଣେ ବିଜେ କଲେ ମହାମନ୍ତ୍ରୀ ସଙ୍କୁନି

ବାରୁଣାବନ୍ତେ ପ୍ରବେଶ ହୋଇଲେ ବିନ୍ଧାଣିମାନନ୍ତ ଘେନି ।୩୬ ।
ଯଦୁର ଘର ବେଢାଇ ପାତିଲେ ମହାଖଳା
ସଙ୍କୁନି ସନ୍ନିଧେ ପ୍ରବେଶ ହୋଇଲେ ପଣ୍ଡୁରାଜାର ବଳା ।୩୭ ।
ମାତୁଳ ବୋଲି କରି କଲେ ନମସ୍କାର
ଯେ କିସ ଭିଆଣ ବୋଲି ପଚାରିଲେ ଯୁଝେଷ୍ଠିର ।୩୮ ।
ଶଙ୍କୁନି ବୋଇଲା ତୁ ଶୁଣ ଧର୍ମସୁତ
ଶୁଣସି ସାବଧାନେ କହଇ ତୋତେ ସତ ।୩୯ ।
ପୁରଞ୍ଜନ ପଣ୍ଡା ଯେ ଯାଇ ଧୃତରାଷ୍ଟଙ୍କୁ କହିଲେ
ମହା ଘୋର ଅରଣ୍ୟେ ତୋର ପୋୟେ ଯେକା ହୋଇ ରହିଲେ ।୪୦ ।
ଝିମାଣିଶାଳ ମାନନ୍ତ ତୁମ୍ଭନ୍ତ ଦିଲା ସାଙ୍ଗ ।୪୧ ।
-----------------------------

୩୬ ।୨ "ବାରୁଣାବନ୍ତେ ପ୍ରବେଶ ହୋଇଲେ ବିନ୍ଧାଣି ମାନନ୍ତ ଘେନି" ପରେ ମୁଦ୍ରିତ ପୁସ୍ତକରେ-
ଜଦୁଗୃହ ବେଢି ପୁଣି ରହିଲେକ  ତହିଁ
କାଠ କାଟି ଜମା କଲେ ବନସ୍ତରୁ ବହି ।
ସନ୍ନିଧ୍ୟେ ପ୍ରବେଶ ହେଲେ ପଣ୍ଡୁରାଜା ବଳା
ଦେଖିଲେ ଚାରି ପାରୁଶେ ଅଙ୍ଗାରର ଖଳା ।

ଶଙ୍କୁନି କହିଲା ଯେ ପାଣ୍ଡବଙ୍କର ସନ୍ନିଧାନେ
ନିର୍ଭୟେ ହୋଇଣ ତୁମ୍ଭେ ଥିବା ନା ଘୋର ବନେ ।୪୨ ।
ରାତ୍ର ଦିବସେ ବିନ୍ଧାଣି କରୁଥିବେ ଘଟଣା
ପଞ୍ଚଦଶ ମାସେ ସବୁ ହୋଇବ ସଂପୂର୍ଣ୍ଣ ।୪୩ ।
ଦ୍ୱାଦଶ ନଳେ ବଖରାୟେ କରନ୍ତି ନିର୍ବାଣ ।୪୪ ।
ୟେମନ୍ତେ ସହସ୍ର ବଖରା ଘର ହୋଇଲା ନିର୍ମିତ
ଲୋହକାର ବିନ୍ଧାଣିମାନେ ଲାଗିଲା ସମସ୍ତ ।୪୫ ।
ପୁରଞ୍ଜନ ଥାଇ ହୋ ସେ ପାଣ୍ଡଙ୍କର ତୁଲେ
ତୁମ୍ଭନ୍ତ ସଙ୍ଗ ବାବୁ କରାଇଲି ମୋହୋର ବୋଲେ ।୪୬ ।
ଯୁଝେଷ୍ଠି ବୋଇଲେ ତୁମ୍ଭେ ମହାଭିଗ୍ୟ ପଣ୍ଡିତ
ଧାର୍ମିକ ବିବେକ ତୁମ୍ଭେ ବେଦ ଶାସ୍ତ୍ରରେ ନିର୍ଜିତ ।୪୭ ।
ତୁମ୍ଭର ଗ୍ୟାନେ କି ହୋଇ ପାପ କଥା
ଧର୍ମହିଁ ସାହାପକ୍ଷ ହୋଇବ ନା ସର୍ବଥା ।୪୮ ।
ତହିଲା ଦ୍ୱିଜବର ଯୁଝ୍‌ଷ୍ଠିଙ୍କର ତୁଲେ
ଝିମାଣିଶାଳ ବିନ୍ଧାଣିମାନେ ଶାଳନ୍ତ ସିର୍ଜିଲେ ।୪୯- ୬୨୬୪